**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**22nd July - 2024**

**News Editor : *Itishree Singh Rathaur***

**********************************

***Desk***

## ବଜେଟ୍ ଅଧିବେଶନ

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି। ରାଜ୍ୟପାଳ ରଘୁବର ଦାସ ଆଜି ପୂର୍ବାହ୍ନ ୧୧ଟାରେ ବିଧାନସଭାରେ ଅଭିଭାଷଣ ପ୍ରଦାନ କରିବେ। ଏହାପରେ ଗୃହରେ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି । ଆସନ୍ତା ବୁଧବାର ୨୪ ତାରିଖରେ ଉପବାଚସ୍ପତି ନିର୍ବାଚନ ଏବଂ ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ। ଚଳିତ ଅଧିବେଶନରେ ମୋଟ୍ ୨୭ଟି କାର୍ଯ୍ୟଦିବସ ରହିଛି । ସୂଚନାଯୋଗ୍ୟ, ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗତକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

*Desk*

# କେନ୍ଦ୍ର ସର୍ବଦଳୀୟ ବୈଠକ

ସଂସଦର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି। ଗତକାଲି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଉଭୟ ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟ ସୁଚାରୁରୂପେ ସଂଚାଳନ କରିବା ନିମନ୍ତେ ସରକାର ଦଳଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି।

ମୌସୁମୀ ଅଧିବେଶନ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ମୋଟ୍ ୧୯ଟି କାର୍ଯ୍ୟଦିବସ ରହିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କର ତୃତୀୟ ପାଳିର ଏହା ପ୍ରଥମ ବଜେଟ୍ ହେବ। ସଂସଦର ମୌସୁମୀ ଅଧିବେଶନରେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ସଂଶୋଧନ ବିଲ୍ ସମେତ ୬ଟି ନୂଆ ବିଧେୟକ ଆଗତ ହେବା ନେଇ ଲୋକସଭା ସଚିବାଳୟ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି।

*Desk*

# ସୁପ୍ରିମ୍‌କୋର୍ଟ - ନୀଟ୍‌-ୟୁ.ଜି.

ସୁପ୍ରିମ୍‌କୋର୍ଟରେ ଆଜି ନୀଟ୍‌-ୟୁ.ଜି. ପ୍ରବେଶିକା ପରୀକ୍ଷା ଅନିୟମିତତା ମାମଲାରେ ଆବେଦନଗୁଡ଼ିକର ଶୁଣାଣି ହେବ । ପ୍ରଧାନ ବିଚାରପତି ଜଷ୍ଟିସ୍‌ ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍‌ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଏନ୍‌.ଟି.ଏ.ର ଆବେଦନ ସମେତ ଏ ସମ୍ପର୍କିତ ୪୦ରୁ ଅଧିକ ଆବେଦନର ଶୁଣାଣି କରିବେ ବୋଲି ଜଣାପଡ଼ିଛି ।

*IPR*

# ସ୍କୁଲ୍‌ ବସ୍‌ - ଅଗ୍ନି ନିରାପତ୍ତା

ସ୍କୁଲ୍‌ ବସ୍‌ଗୁଡ଼ିକରେ ଅଗ୍ନି ନିରାପତ୍ତା ନିୟମ ପାଳନକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ଦ୍ଦେଶର ଅବମାନନା କଲେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ଜୋନ୍‌ ଉପ-ପରିବହନ ଆୟୁକ୍ତ ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନେ ନିୟମିତ ଭାବେ ସ୍କୁଲ୍‌ ବସ୍‌ଗୁଡ଼ିକର ଯାଞ୍ଚ୍‌ କରିବେ । ସ୍କୁଲ୍‌ ବସ୍‌ଗୁଡ଼ିକରେ Fire Ditection Alarm Suystem ଓ Fire Alarm Protection ବ୍ୟବସ୍ଥା ଆବଶ୍ୟକ ସ୍ଥଳେ ଲାଗୁ କରିବାକୁ ବାଧ୍ୟତାମୂଳକ କରାଯାଇଛି ।

*Desk*

## ଶ୍ରାବଣ ସୋମବାର

ଶ୍ରାବଣ ମାସ  ଆଜିଠାରୁ ଆରମ୍ଭ ହୋଇଛି। ପ୍ରଥମ ସୋମବାରରେ ମହାଦେବଙ୍କୁ ଜଳାଭିଷେକ କରିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବିଶେଷକରି ଭୁବନେଶ୍ୱରର ଲିଙ୍ଗରାଜ, ପୁରୀର ଲୋକନାଥ, ଆରଡୀର ଆଖଣ୍ଡଳମଣୀ, କଟକର ଧବଳେଶ୍ୱର ଏବଂ ବାଲେଶ୍ୱର ପଞ୍ଚଲିଙ୍ଗେଶ୍ୱର, ଚନ୍ଦନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ତଥା ଶୃଙ୍ଖଳିତ ଜଳାଭିଷେକ ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।

*Desk*

## ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

ରାଜ୍ୟରେ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଆଜିଠାରୁ ଆରମ୍ଭ ହେଉଛି । ଏହି ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ । ପରୀକ୍ଷାର ପ୍ରଥମ ଦିନରେ ଆଜି ମାତୃଭାଷା ଓଡ଼ିଆ ପାଇଁ ପରୀକ୍ଷା ହେବ । ୯୭୩ ଜଣ ପରୀକ୍ଷାର୍ଥୀ ୮୩ଟି କେନ୍ଦ୍ରରେ ପରୀକ୍ଷା ଦେବେ । ଏହି ପରୀକ୍ଷା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# +୨ ନାମଲେଖା

ଚଳିତ ଶିକ୍ଷାବର୍ଷପାଇଁ +୨ ପ୍ରଥମ ବର୍ଷ ପ୍ରଥମ ପର୍ଯ୍ୟାୟ ନାମଲେଖା ଆଜିଠାରୁ ଆରମ୍ଭ ହୋଇଛି । ପ୍ରଥମ ମେଧା ତାଲିକାରେ ୪ ଲକ୍ଷ ୨୬ ହଜାର ୪୭୨ ଜଣ ଛାତ୍ରଛାତ୍ରୀଙ୍କ ଚୟନ ହୋଇଛି । ଛାତ୍ରଛାତ୍ରୀମାନେ ଆସନ୍ତା ୨୭ ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ଆସନ୍ତା ୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ । ଏଥିରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ୭ରୁ ୧୦ ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ସୂଚନା ଅନୁସାରେ, ରାଜ୍ୟର ୨ ହଜାର ୩୪୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ୍ ୫ ଲକ୍ଷ ୪୮ ହଜାର ୩୪୫ଟି ସିଟ୍ ରହିଛି ।

*Desk*

# +୩ ନାମଲେଖା

ରାଜ୍ୟରେ ୨୦୨୪-୨୫ ଶିକ୍ଷାବର୍ଷରେ +୩ ନାମଲେଖା ପ୍ରକ୍ରିୟା ଜାରି ରହିଛି । ଆଜି ତୃତୀୟ ପର୍ଯ୍ୟାୟ ନାମଲେଖା ଶେଷ ହେବ । ସୂଚନା ଅନୁସାରେ ଏହି ପର୍ଯ୍ୟାୟରେ ନାମଲେଖାପାଇଁ ୪୪ ହଜାର ୬୦ ଜଣ ଛାତ୍ରଛାତ୍ରୀଙ୍କ ଚୟନ ହୋଇଛି ।

*Desk*

# ବନ୍ଧୁକଚାଳନା ପ୍ରତିଯୋଗିତା

ଓଡ଼ିଶା ରାଜ୍ୟ ରାଇଫଲ୍ ସଂଘ ପକ୍ଷରୁ ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍ ଓ ଉତ୍କଳ କରାଟେ ସ୍କୁଲ୍‌ରେ ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ପ୍ରାୟ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି । ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ଆଗାମୀ ପୂର୍ବାଞ୍ଚଳ ବନ୍ଧୁକାଚାଳନା ପ୍ରତିଯୋଗିତା ଏବଂ ଅଲ୍ ଇଣ୍ଡିଆ ପ୍ରି-ନ୍ୟାସନାଲ୍ ପ୍ରତିଯୋଗିତାରେ ଭାଗ ନେଇପାରିବେ ।

*Desk*

# ସନ୍ତରଣ ଚାମ୍ପିୟନ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ରାଜ୍ୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଏଥିରେ ଖୋର୍ଦ୍ଧା-ଭୁବନେଶ୍ୱର ଚାମ୍ପିୟନ୍ ଏବଂ ସମ୍ବଲପୁର ଦଳ ରନର୍ସ ଅପ୍ ହୋଇଛନ୍ତି । ମହିଳା ବିଭାଗରେ ପ୍ରତ୍ୟାଶା ରାୟ ଓ ସୃଷ୍ଟି ଉପାଧ୍ୟାୟ ଯୁଗ୍ମ ଚାମ୍ପିୟନ୍ ହୋଇଛନ୍ତି ।

*Met. O.*

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଧୀରେ ଧୀରେ ଦୁର୍ବଳ ହୋଇ ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି ।  ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୦ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରିରେ ସର୍ବାଧିକ ୮୨ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି ।

*****